# ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ -୭୫୬୧୦୦ (ଓଡ଼ିଶା)

ଦୂରଭାଷ ନଂ. ୦୬୭୮୪-୨୫୧୫୧୯ (କାର୍ଯ୍ୟାଳୟ), ଫ୍ୟାକ୍ସ ନଂ. ୦୬୭୮୪-୨୫୧୨୨୧

E-mail:- eobdkmunicipality@gmail.com


ପତ୍ର ସଂଖ୍ୟା. ୫୮୯୨ ତାରିଖ. ୧୩/୧୦/୨୦୨୫

## ବିଜ୍ଞାପନ

ଏତଦ୍ୱାରା ଭଦ୍ରକ ପୌରପାଳିକା ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବେକାର ଯୁବକ ଓ ଯୁବତୀଙ୍କ (Unemployment Youth) ଉଦ୍ଦେଶ୍ୟରେ ଭଦ୍ରକ ପୌରପାଳିକା ଦ୍ୱାରା ନିର୍ମାଣ କରାଯାଇଥିବା ଦୋକାନ ଗୃହ ଗୁଡିକୁ ବ୍ୟବସାୟ ପାଇଁ ମାସିକ ଭଡା ସୂତ୍ରରେ ଆବଣ୍ଟନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଅଛି । ଆବଣ୍ଟିତ ହେବାକୁ ଥିବା ଦୋକାନ ଗୃହ ଗୁଡିକ ଯଥା :- ୧) ଶନି ମନ୍ଦିର ମାର୍କେଟ କମ୍ପ୍ଲେକ୍ସ, ମୌଜା-ମଠସାହି, ୨) ମାଛ ମାର୍କେଟ, ମୌଜା-ବଙ୍କ, ୩) ବନ୍ତ ଛକ ମାର୍କେଟ କମ୍ପ୍ଲେକ୍ସ, ମୌଜା-ଜଗନ୍ନାଥପୁର, ୪) ଚା ଓ କଫି ଦୋକାନ ଗୃହ, ଅମୃତ ପାର୍କ ପାଖ, ମୌଜା-ମଠସାହି, ନିମନ୍ତେ ଦରଖାସ୍ତ ଆବେଦନ କରିବା ସମୟ ତା. ୧୭.୧୦.୨୦୨୫ ରିଖ ଠାରୁ ତା. ୧୬.୧୧.୨୦୨୫ ରିଖ (ସନ୍ଧ୍ୟା ୫ ଘଟିକା) ମଧ୍ୟେ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ରେଜିଷ୍ଟର ପୋଷ୍ଟ (Regd. Post) / ସ୍ପୀଡ଼ ପୋଷ୍ଟ (Speed Post) ଡାକ ମାଧ୍ୟମରେ ଆବେଦନ କରିପାରିବେ । ଉକ୍ତ ଦୋକାନ ଗୃହ ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ଭଦ୍ରକ ପୌରପାଳିକଙ୍କ ୱେବସାଇଟ www.bhadrakmunicipality.nic.in / ଜିଲ୍ଲା ୱେବସାଇଟ www.bhadrak.odisha.gov.in ରେ ଉପଲବ୍ଧ ଅଟେ । ଆବେଦନକାରୀ ଉପରୋକ୍ତ ୱେବସାଇଟ ରେ ଉପଲବ୍ଧ ଥିବା ନିୟମାବଳୀ ଅନୁସରଣ କରିପାରିବେ ।

ଉପରୋକ୍ତ ବିଷୟରେ ପୌର କର୍ତ୍ତୃପକ୍ଷଙ୍କ ନିଷ୍ପତି ସର୍ବମାନ୍ୟ ଏବଂ ପୌର କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ସମ୍ପୃକ୍ତ ଆବେଦନ ପ୍ରକ୍ରିୟାକୁ ମଧ୍ୟ ରଦ୍ଦ କରିପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

ପରିପତ୍ର ନଂ. ୫୮୯୩ ତା. ୧୩/୧୦/୨୦୨୫

ଏହି ବିଜ୍ଞାପନର ଏକକିତା ନକଲ ଉପ ନିର୍ଦ୍ଦେଶକ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଯାଉଛି କି, ସମ୍ପୃକ୍ତ ବିଜ୍ଞାପନଟିର ବହୁଳ ପ୍ରଚାର ପ୍ରସାର ପାଇଁ ଦୁଇଗୋଟି ପ୍ରମୁଖ ଦୈନିକ ଓଡିଆ ଖବରକାଗଜରେ ଆସନ୍ତା ତା.୧୭.୧୦.୨୦୨୫ ରିଖ ମଧ୍ୟରେ ପ୍ରକାଶନ କରିବା ପାଇଁ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

ପରିପତ୍ର ନଂ. ୫୮୯୪ ତା. ୧୩/୧୦/୨୦୨୫

ଏହି ବିଜ୍ଞାପନର ଏକକିତା ନକଲ DeGM, ଭଦ୍ରକଙ୍କୁ ପ୍ରେରଣା କରାଯାଇ ଅନୁରୋଧ କରାଯାଉଅଛି କି ଉକ୍ତ ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବସାଇଟ ରେ ଉପଲବ୍ଧ କରାଯାଉ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

ପରିପତ୍ର ନଂ. ୫୮୯୫ ତା. ୧୩/୧୦/୨୦୨୫

ଏହି ବିଜ୍ଞାପନର ଏକକିତା ନକଲ ବହୁଳ ପ୍ରଚାର ପ୍ରସାର ପାଇଁ ପୌରପାଳିକା କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ପ୍ରଦର୍ଶିତ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ଭଦ୍ରକ ପୌରପାଳିକା

Scanned with CamScanner